**LIC HFL**
LIC HOUSING FINANCE LTD

# ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍

ଇପିକଲ ହାଉସ୍, ୬୫ ମହଲା, ଆନେକ୍ସ ବିଲ୍ଡିଂ, ଜନପଥ,
ଭୁବନେଶ୍ୱର - ୭୫୧୦୨୨

# ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍.(LIC HFL)ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନସ୍ୱାକ୍ଷରକାରୀ ଭାବେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ଆକ୍ଟ, ୨୦୦୨ ର ନିୟମ ୩ ସହିତ କଥିତ ଆକ୍ଟର ଧାରା ୧୩(୧୨) ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍‌ରେ ଦର୍ଶିତ ବକେୟା ରାଶି ପଇଠ କରିବାକୁ କହିଥିଲେ। କିନ୍ତୁ କଥିତ ଋଣଗ୍ରହୀତା/ସହ-ଋଣଗ୍ରହୀତା ସେମାନଙ୍କର ବକେୟା ରାଶି ପଇଠ କରିବାରେ ବିଫଳ ହେବାରୁ ନିମ୍ନସ୍ୱାକ୍ଷରକାରୀ ସେମାନଙ୍କର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ କଥିତ ଆକ୍ଟର ଧାରା ୧୪ ଏବଂ ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ୍ ୮ ଅନୁଯାୟୀ ଭୌତିକ ଦଖଲ ନେଇଛନ୍ତି। ନିମ୍ନ ବର୍ଣ୍ଣିତ ସମ୍ପତ୍ତିର ଇ-ନିଲାମ ବିକ୍ରୟ (ସରଫେଶୀ ଆକ୍ଟ-୨୦୦୨ର ଏବଂ ଏଥିରେ ଦର୍ଶିତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ) ହେତୁ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍. (LIC HFL) କଥିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଏବଂ "ଯାହା ଯେପରି ଅଛି ଭିତ୍ତିରେ" ବିକ୍ରୟ କରିବା ପାଇଁ ମୁଦ ଲଫାପାରେ କିମ୍ବା ଅନଲାଇନ୍ ପଦ୍ଧତିରେ ପ୍ରସ୍ତାବମାନ ଆହ୍ୱାନ କରୁଅଛି।

| କ୍ର. ନଂ. | ଋଣଗ୍ରହୀତା /ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଋଣ ଆକାଉଣ୍ଟ ନଂ. / ମୋଟ ବକେୟା ରାଶି | ସମ୍ପତ୍ତି ଗୁଡ଼ିକର ଠିକଣା ଏବଂ ଫ୍ଲାଟ୍ ଏରିଆ / ଜମିର ଅବିଭକ୍ତ ଅଂଶ | ସଂରକ୍ଷିତ ମୂଲ୍ୟ / ଅମାନତ ଜମାରାଶି / ବିଡ ବୃଦ୍ଧି ପରିମାଣ | ବ୍ୟାଙ୍କର ବିବରଣୀ (ଯେଉଁଠାକୁ ଅମାନତ ରାଶି ସ୍ଥାନାନ୍ତରିତ ହେବ) |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ରଙ୍ଗଧର ସାହୁ / ଋଣ ଆକାଉଣ୍ଟ ନଂ.: ୨୨୦୧୦୦୦୦୦୨୦୬ / ମୋଟ ବକେୟା ରାଶି:ତା.୧୧.୧୧.୨୦୧୯ରିଖ ସୁଦ୍ଧା ଟ.୩୨,୧୫,୦୩୬.୧୮ + ସେବାବଦ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଆଇନଗତ ଦେୟ ଏବଂ ଖର୍ଚ୍ଚ | ଧନଞ୍ଜୟ ପ୍ଲାଜାର ୩ୟ ମହଲାରେ ଥିବା ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ଡିପି-୩୦୪, ସମୁଦାୟ କ୍ଷେତ୍ର: ଏକର୦.୧୫୦ ଡ଼ିସିମିଲିରୁ | ଟ.୩୯,୦୦,୦୦୦/- / ଟ.୩,୯୦,୦୦୦/- / ଟ.୫,୦୦୦/- | ଆକାଉଣ୍ଟ ନଂ.: Axis Bank, Centralised Collection Hub IFSC Code: UTIB0CCH274 Property Id:- HFLECEBFBB00206 |
| | ଅବିଭକ୍ତ ଜମିର ଅଂଶ ଏକର୦.୦୦୮ ଡ଼ିସିମିଲି ସହିତ ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ ବର୍ଗଫୁଟ, ଫ୍ଲାଟ୍ ନଂ.: ୨୫୫/୩୧୮୮, ଖାତା ନଂ.: ୭୨୨/୧୯୬, ସ୍ଥିତିବାନ, କିସମ: ଘରବାଡ଼ୀ, ମୌଜା: ପାତ୍ରପଡା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏସ୍‌ଆର୍‌ଓ: ଖଣ୍ଡଗିରିରେ ତା.୨୦.୦୬.୨୦୧୪ ରିଖରେ ପଞ୍ଜିକୃତ ହୋଇଥିବା ପଞ୍ଜିକୃତ ବିକ୍ରୟ ଦଲିଲ୍ ଦସ୍ତାବିଜ ନଂ.: ୧୧୧୩୧୪୦୪୫୩୩୩/୨୦୧୪, ଏହାର ଚାରିପାର୍ଶ୍ୱରେ ପୂର୍ବ: ଫ୍ଲାଟ୍ ନଂ.: ଡିପି-୩୦୩, ପଶ୍ଚିମ: ରେଭିନ୍ୟୁ ପୁଟ୍ ନଂ.: ୨୫୫ (ଅଂଶ), ଉତ୍ତର: ରାସ୍ତା, ଦକ୍ଷିଣ: ଫ୍ଲାଟ୍ ନଂ.: ଡିପି-୩୦୧ | | | |

| | |
|---|---|
| ଇ-ନିଲାମର ୱେବସାଇଟ୍ | https://bankauctions.in |
| ସମ୍ପତ୍ତି ତନଖି ତାରିଖ ଏବଂ ସମୟ ଏବଂ ଯୋଗାଯୋଗ ନମ୍ବର | ୨୯.୦୬.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ଯୋଗାଯୋଗ: ଆଦିତ୍ୟ ଚନ୍ଦ୍ର, ମୋ.:୯୧୧୦୯୮୦୨୯୯, ୯୧୨୪୯୧୦୭୩୭, ରାକେଶ ରଞ୍ଜନ, ମୋ.:୯୮୯୨୦୪୪୦୪୧ ଏବଂ ଶ୍ରୀମତୀ ସୁଚ୍ଛାନି ପ୍ରିୟଦର୍ଶିନୀ, ମୋ.: ୭୦୦୮୯୭୬୭୩୯ |
| ଟେଣ୍ଡର/ମୁଦ ଲଫାପାରେ ପ୍ରସ୍ତାବ ଦାଖଲ କରିବାର ଅନ୍ତିମ ତାରିଖ | ୧୨.୦୭.୨୦୨୪ ଅପରାହ୍ନ ୫.୦୦ ଘଟିକା ପୂର୍ବରୁ (କେବଳ ଅନ୍‌ଲାଇନ୍ ମାଧ୍ୟମରେ) |
| ଇ-ନିଲାମ ତାରିଖ ଏବଂ ସମୟ | ୧୫.୦୭.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ |

## ନିଲାମର ନିୟମ ଏବଂ ସର୍ତ୍ତାବଳୀ ନିମ୍ନମତେ:

୧. ଇ-ନିଲାମ "ଯେଉଁଠାରେ ଯେପରି ଅଛି ଭିତ୍ତିରେ", "ଯାହା ଯେପରି ଅଛି ଭିତ୍ତିରେ, "ସେଠାରେ ଯାହା ଅଛି" ଏବଂ "ବିନା କୌଣସି ଆଇନଗତ ସହାୟତା ଭିତ୍ତିରେ" ଅନ୍‌ଲାଇନ୍ ପଦ୍ଧତିରେ ଆନୁଷ୍ଠିତ ହେବ। ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ ଅନୁମୋଦିତ ଇ-ନିଲାମ ସେବା ପ୍ରଦାନକାରୀ : M/s. 4 Closure ମାଧ୍ୟମରେ ପରିଚାଳିତ ହେବ।

୨. ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ନାମ ପୋର୍ଟାଲ: https://bankauctions.inରେ ପଞ୍ଜିକରଣ କରି ସେମାନଙ୍କର ୟୁଜର ଆଇଡି (user-id) ଏବଂ ପାସୱାର୍ଡ (password) ମାଗଣାରେ ପାଇ ପାରିବେ। ସମ୍ଭାବ୍ୟ ନିଲାମଧାରୀମାନେ ଇ-ନିଲାମର ଅନଲାଇନ ତାଲିମ ସେବାପ୍ରଦାନକାରୀ **M/s. 4 Closure, Officer Name Client Service Delivery Team, Mobile Nos. 8142000030 / 8142000062/66, (H.O.) 605A, 6th Floor, Maitrivanam, Ameerpet, Hyderabad, Telangana and Office located at Arihant Plaza, # 102, B-15, Saheed Nagar, Bhubaneswar - 751007** ରେ ଅବସ୍ଥାପିତ କାର୍ଯ୍ୟାଳୟ **08142000062/63:** ଶ୍ରୀ ବାପି ପ୍ରଧାନ, ମୋ.: ୮୧୪୨୦୦୦୦୩୦, **Email:pradhan@bankauctions.in / info@bankauctions.in**ଙ୍କ ଠାରୁ ପାଇପାରିବେ।

୩. ସରଫେଶୀ ଆକ୍ଟ/ରୁଲ୍ସ ୨୦୦୨ ଏବଂ ଏହା ଅନ୍ତର୍ଗତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ଏବଂ ଇଚ୍ଛୁକ ଅଂଶଗ୍ରହଣକାରୀ ନିଲାମଧାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସର୍ତ୍ତାବଳୀ ଉପରେ ଇ-ନିଲାମ ନିର୍ଭର କରେ।

୪. ଅନଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ପ୍ରତ୍ୟେକ ନିଲାମଧାରୀଙ୍କ ନିଜସ୍ୱ ଇ-ମେଲ ଠିକଣା ଥିବା ଆବଶ୍ୟକ।

୫. **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଇଚ୍ଛୁକ ନିଲାମଧାରୀମାନେ ଆନୁଷ୍ଠାନିକ ଭାବେ ପଞ୍ଜିକରଣ କରି ଯୋଗ୍ୟ ନିଲାମଧାରୀ ହେବା ପରେ, ନିଲାମ ପ୍ଲାଟଫର୍ମରେ କାଗଜପତ୍ର ଦାଖଲ କରି ଇ-ନିଲାମରେ ଅଂଶଗ୍ରହଣ ପାଇଁ ଲଗ୍ଇନ ପ୍ରକାଶ କରିପାରିବେ। ଇ-ନିଲାମ ସେବା ପ୍ରଦାନକାରୀଙ୍କ ଠାରୁ ଲଗ୍ ଇନ୍ ଆଇଡି (Login id) ଏବଂ ପାସୱାର୍ଡ (password) ପାଇବା ଅନଲାଇନ ନିଲାମଧାରୀଙ୍କର ଦାୟିତ୍ୱ ଅଟେ।

୬. ଉପରୋକ୍ତ ସମ୍ପତ୍ତିଗୁଡ଼ିକ ଉପର ଲିଖିତ ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ବିକ୍ରୟ କରାଯିବ ନାହିଁ।

୭. କଥିତ ଅମାନତ ଜମା ରାଶି ସଫଳ ନିଲାମଧାରୀଙ୍କ କ୍ଷେତ୍ରରେ ଭରଣା କରାଯିବ ଅନ୍ୟଥା ଫେରସ୍ତ କରାଯିବ। ଉକ୍ତ ଅମାନତ ଜମା ରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ।

୮. ଯଦି ସଫଳ ନିଲାମଧାରୀ ମୁଦ ପ୍ରସ୍ତାବ / ଟେଣ୍ଡରରେ ଦର୍ଶିତ ନିୟମ ଏବଂ ସର୍ତ୍ତାବଳୀ ପାଳନ କରିବାରେ ବିଫଳ ହେବେ କିମ୍ବା ଅର୍ଥ ରାଶି ପଇଠ କରିବାରେ କୌଣସି ପ୍ରକାରେ ବିଫଳ ହେଲେ ଜମା କରିଥିବା ଅର୍ଥ ରାଶି ବାଜ୍ୟାପ୍ତି କରାଯିବ ଏବଂ ବାଜ୍ୟାପ୍ତି ଅର୍ଥ ରାଶି ଉପରେ ତାଙ୍କର କୌଣସି ଦାବୀ ରହିବ ନାହିଁ।

୯. ଟେଣ୍ଡର ସହିତ ଉପରୋକ୍ତ ଅମାନତ ଜମା ରାଶି (EMD) ସ୍କାନ ହୋଇଥିବା କେୱାଇସି କାଗଜାତ, ପାନ୍ କାର୍ଡ ଏବଂ ଠିକଣା ପ୍ରମାଣ ପତ୍ର "ଅନଲାଇନ" ମାଧ୍ୟରେ ପୋର୍ଟାଲ **https://bankauctions.in**ରେ ସେବା ପ୍ରଦାନକାରୀଙ୍କୁ ପ୍ରଦାନ କରିପାରିବେ କିମ୍ବା ମୁଦ ଲଫାପାରେ ବିଡ୍ ଫର୍ମ, ଅମାନତ ଜମା ରାଶି ଏବଂ କେୱାଇସି କାଗଜପତ୍ର ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍‌ର ଉପରଦର୍ଶିତ ସମ୍ପୃକ୍ତ ଶାଖା କାର୍ଯ୍ୟାଳୟରେ ନିର୍ଦ୍ଦିଷ୍ଟ ହୋଇଥିବା ଅମାନତ ରାଶି ଦାଖଲ ତାରିଖରେ କିମ୍ବା ପୂର୍ବରୁ ଦାଖଲ କରିବା ଆବଶ୍ୟକ।

୧୦. ଟେଣ୍ଡରଗୁଡ଼ିକ ଖୋଲାଯିବା ପରେ ଇଚ୍ଛୁକ ନିଲାମଧାରୀମାନେ ଯେଉଁମାନେ ବିଡ୍ ପରିମାଣ ସଂରକ୍ଷିତ ମୂଲ୍ୟ ଠାରୁ କମ୍ ନଦର୍ଶାଇ ଟେଣ୍ଡର ଦାଖଲ କରିଥିବେ ସେମାନେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ବିଡ୍ ପରିମାଣକୁ ବୃଦ୍ଧି କରିବାକୁ ସୁଯୋଗ ପାଇପାରନ୍ତି।

୧୧. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତାବ ଗ୍ରହଣୀୟ ହେବା ପରେ ସମ୍ପୃକ୍ତ ସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ପୂର୍ବରୁ ପଇଠ ଅମାନତ ରାଶିକୁ ମିଶାଇ ବିକ୍ରୟ ମୂଲ୍ୟର ୨୫% ଜମା କରିବେ ଅନ୍ୟଥା ଅମାନତ ରାଶି ବାଜ୍ୟାପ୍ତି କରାଯିବ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ୭୫% ବିକ୍ରୟ ଚୁକ୍ତାନ୍ତ ହେବାର ୧୫ ଦିନ ମଧ୍ୟରେ ପଇଠ କରିବେ, ଯାହାକି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସ୍ୱତନ୍ତ୍ର କ୍ଷମତା ସାପେକ୍ଷ । ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅବଶିଷ୍ଟ ରାଶି ପଇଠ କରି ନପାରିଲେ ଜମା କରିଥିବା ସମସ୍ତ ଅର୍ଥରାଶି ବାଜ୍ୟାପ୍ତ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କର ସଫଳ ନିଲାମଧାରୀଙ୍କୁ ବାଜ୍ୟାପ୍ତିର ପୁନଶ୍ଚ କୌଣସି ନୋଟିସ୍ ଦେବା ଆବଶ୍ୟକ ନାହିଁ।

୧୨. ନିଲାମଧାରୀମାନେ "କଭେଟ ଏମ୍ପଟର" (ସାବଧାନ କ୍ରେତା) ନିୟମକୁ ପାଳନ କରିବା ସହିତ ସେମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ନିଜେ ସୁରକ୍ଷିତ ସମ୍ପତ୍ତିର ଲିସି, ବୈଧାନିକ ଦେୟ, ବକେୟା ସମ୍ପତ୍ତି କର, ଆୟ କର, ଏକ୍ସାଇଜ ଡ୍ୟୁଟି, ଶ୍ରମିକ ପାଉଣା, ବିଦ୍ୟୁତ୍ ଏବଂ ରକ୍ଷଣାବେକ୍ଷଣ ଦେୟ ଇତ୍ୟାଦି ବିଷୟରେ ସଠିକ ତଥ୍ୟ ସଂଗ୍ରହ କରିବା ଆବଶ୍ୟକ । ସଫଳ ନିଲାମଧାରୀମାନେ ବିକ୍ରୟ ମୂଲ୍ୟ ବ୍ୟତୀତ ସମ୍ପୃକ୍ତ ସମ୍ପତ୍ତି ସମ୍ବନ୍ଧିତ ମୁନିସିପାଲଟି ଟିକସ, ରକ୍ଷଣାବେକ୍ଷଣ / ସୋସାଇଟି ଦେୟ, ବିଦ୍ୟୁତ୍ ଦେୟ, ଜଳକର, ଷ୍ଟାମ ଡ୍ୟୁଟି, ପଞ୍ଜିକରଣ ଦେୟ (ଯଦି ପ୍ରଯୁଜ୍ୟ), ଯଦି ଥାଏ ଏବଂ ଅନ୍ୟାନ୍ୟ ସମସ୍ତ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି ବହନ କରିବେ।

୧୩. ସଫଳ ନିଲାମଧାରୀ ବିକ୍ରୟ ସାର୍ଟିଫିକେଟର ଦେୟ / ଫିସ୍ ଯଥା- ପଞ୍ଜିକରଣ ଦେୟ, ଷ୍ଟାମ ଡ୍ୟୁଟି କିମ୍ବା ତାଙ୍କ ନାମ ସପକ୍ଷରେ ସୁରକ୍ଷିତ ସମ୍ପତ୍ତି ହସ୍ତାନ୍ତରଣ ନିମନ୍ତେ ପ୍ରଦାନ କରିବାକୁ ଥିବା ଅନ୍ୟାନ୍ୟ ଦେୟ ବହନ କରିବେ।

୧୪. ସମ୍ପୂର୍ଣ୍ଣ ବିକ୍ରୟ ମୂଲ୍ୟ ପ୍ରାପ୍ତି ପରେ ହିଁ ସଫଳ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ଇସ୍ୟୁ କରାଯିବ।

୧୫. ଏତଦ୍‌ଦ୍ୱାରା ଋଣଗ୍ରହୀତା / ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି କି, ସେମାନେ ଉପର ଦର୍ଶିତ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ସମ୍ପତ୍ତି କ୍ରୟ ପାଇଁ ଇଚ୍ଛୁକ କେତ୍ରା ଆଣି ପାରନ୍ତେ।

୧୬. ଉପର କଥିତ ସମ୍ପତ୍ତିଗୁଡ଼ିକର ତନଖି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନୁମତି ଏବଂ ସୁବିଧା ଅନୁଯାୟୀ କରାଯାଇପାରିବ।

୧୭. କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ପ୍ରସ୍ତାବକୁ କିମ୍ବା କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କିମ୍ବା ସମସ୍ତ ଟେଣ୍ଡରକୁ କୌଣସି କାରଣ ନଦର୍ଶାଇ ରଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

୧୮. **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ**. ଉପର ଦର୍ଶିତ ସମ୍ପତ୍ତି ଉପରେ ବକେୟା ଥିବା କୌଣସି ବକେୟା ଦେୟ ପଇଠ ନିମନ୍ତେ ଦାୟୀ ନୁହନ୍ତି। ସମ୍ପତ୍ତିଗୁଡ଼ିକ "ଯେଉଁଠାରେ ଯେପରି ଅଛି ଭିତ୍ତିରେ", "ଯାହା ଯେପରି ଅଛି ଭିତ୍ତିରେ ଏବଂ "ବିନା କୌଣସି ଆଇନଗତ ସହାୟତା ଭିତ୍ତିରେ" ନିଲାମ କରାଯିବ।

୧୯. ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ପୂର୍ବରୁ କୌଣସି ନୋଟିସ୍ ନଦେଇ କିମ୍ବା କୌଣସି କାରଣ ନଦର୍ଶାଇ ଟେଣ୍ଡର ନିଲାମକୁ ସ୍ଥଗିତ/ ପରିବର୍ତ୍ତନ/ସଂଶୋଧନ/ବାତିଲ/ଗ୍ରହଣ/ରଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

୨୦. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ଜ୍ଞାନ ଏବଂ ସୂଚନା ଅନୁସାରେ ସମ୍ପତ୍ତି ଉପରେ କୌଣସି ଏନକମ୍ବ୍ରାନ୍ସ ନାହିଁ। ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ସମ୍ପତ୍ତି ଉପରେ କୌଣସି ଦେୟ, ଲିୟନ, ଏନକମ୍ବ୍ରାନ୍ସ, ସମ୍ପତ୍ତି କର କିମ୍ବା ସରକାରଙ୍କୁ କିମ୍ବା କୌଣସି ସଂସ୍ଥାକୁ ଦେୟ ନିମନ୍ତେ ଦାୟୀ ରହିବେ ନାହିଁ।

୨୧. ଏହି ବିକ୍ରୟ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍‌ର ଚୁକ୍ତାନ୍ତ ନିଷ୍ପତ୍ତି ଉପରେ ନିର୍ଭର କରେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଏବଂ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ଅନୁମୋଦିତ ଇ-ନିଲାମ ସେବାପ୍ରଦାନକାରୀଙ୍କ ୱେବସାଇଟ **"M/s. 4 Closure"** ଏବଂ ୱେବସାଇଟ୍ **https://bankauctions.in** ଏବଂ **www.foreclosureindia.com**ରୁ ଦେଖିପାରିବେ।

**ସରଫେଶୀ ଆକ୍ଟ, ୨୦୦୨ର ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।**

ତାରିଖ : ୨୬.୦୬.୨୦୨୪
ସ୍ଥାନ: ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ
ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍. ଭୁବନେଶ୍ୱର